# ତହସିଲ୍ କାର୍ଯ୍ୟାଳୟ, ସଦର କଟକ

ବିଜ୍ଞାପନ ନଂ:- ତା :-

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ କଟକ ସଦର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସଗୁଡିକ ସନ୍ **2019-20** ବର୍ଷ ନିମନ୍ତେ ଆସନ୍ତା ତା- **07-11-2019** ରିଖ ଦିବା **11:30** ଘଟିକା ସମୟରେ ଉପଜିଲ୍ଲାପାଳ, ସଦର କଟକଙ୍କ କାର୍ଯ୍ୟାଳୟରେ ନିଲାମ କରାଯିବା ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଉଅଛି । ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ସଦର ତହସିଲଦାର ଙ୍କ କାର୍ଯ୍ୟାଳୟ ଏବଂ website ରୁ କାର୍ଯ୍ୟଦିବସ ଓ ସମୟ ମଧ୍ୟରେ ଅସ୍ଥାୟୀ ସାଇକେଲ ଷ୍ଟାଣ୍ଡର ତଥା ଉତ୍ସର ନମ୍ବର, ନାମ, ପ୍ଲଟ୍ ସମ୍ପର୍କିତ ଅନ୍ୟାନ୍ୟ ସୂଚନା ସହିତ ଧାର୍ଯ୍ୟ ମୂଲ୍ୟ ଦେଖି ସାଧା କାଗଜରେ ନିଜର ନାମ ଓ ସମ୍ପୂର୍ଣ୍ଣ ଠିକଣାସହ ସୈରାତ ଉତ୍ସର ନମ୍ବର ଏବଂ ନାମ ତଥା ଉତ୍ସଟିକୁ କେତେ ଟଙ୍କାରେ ନିଲାମ ନେବାକୁ ଚାହାଁନ୍ତି ତାହା ଉଲ୍ଲେଖ କରି ଦସ୍ତଖତ ସହ ଜଉମୁଦ ଲଫାପାରେ ଉପ-ଜିଲ୍ଲାପାଳ, ସଦର କଟକଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ପକାଇବେ।

ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ଅପରାହ୍ନ **5.30** ଘଟିକା ତା-06-11-2019. ବନ୍ଦ ଲଫାପା ଉପରେ **Tender Paper for Temporary Cycle Stand at Baliyatra-2019** ଲେଖା ରହିବ । ଉତ୍ସର ମୂଲ୍ୟ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ କରାଯାଇପାରେ । ଟେଣ୍ଡର ଦରଖାସ୍ତ ସହିତ ସରକାରୀ ଧାର୍ଯ୍ୟମୂଲ୍ୟର ଦଶ ଶତାଂଶ **(10%)** ଅମାନତ ଟଙ୍କା ବ୍ୟାଙ୍କ୍ ଡ୍ରାଫ୍ଟ ଆକାରରେ ସଂଲଗ୍ନ କରିବେ । ଏହି ବ୍ୟାଙ୍କ୍ ଡ୍ରାଫ୍ଟଟି ତହସିଲଦାର ସଦର କଟକଙ୍କ ସପକ୍ଷରେ ଓ ଦେୟ **(Payable S.B.I. Main Branch, Cuttack)** ହୋଇଥିବା ଆବଶ୍ୟକ, ଯେଉଁ ବ୍ୟକ୍ତି ବିଶେଷ ବିଗତ ବର୍ଷର ସୈରାତ ବାବଦକୁ ବକେୟା ଦେୟ ପରିଶୋଧ କରି ନଥିବେ ସେ ନିଲାମରେ ଭାଗ ନେଇ ପାରିବେ ନାହିଁ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ପରବର୍ତ୍ତି ନିଲାମ ଯଥାକ୍ରମେ 08/11/2019 ଅପରାହ୍ନ **3:30** (ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ଅପରାହ୍ନ 3.00 ଘଟିକା ତା-08-11-2019)ଏବଂ 11/11/2019 ଦିବା **11:30** (ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ଅପରାହ୍ନ 5.30 ଘଟିକା ତା-08-11-2019)ସମୟରେ ଅନୁଷ୍ଠିତ ହେବ ।କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

30/10/19

ତହସିଲଦାର, ସଦର, କଟକ

# ସର୍ତ୍ତାବଳୀ

1. ନିଲାମ ଗ୍ରହିତା ଧାର୍ଯ୍ୟ କରାଯାଇଥିବା ମହାସୁଲ ଯାନଗୁଡିକରୁ ନିମ୍ନମତେ ଆଦାୟ କରିବେ|

| | | |
|---|---|---|
| ସାଇକେଲ୍ | - | ଦେୟମୁକ୍ତ |
| ଦୁଇ ଚକିଆ ଯାନ | - | ଟ.50.00 |
| ଚାରି ଚକିଆ ଯାନ | - | ଟ.100.00 |

2. ମହାସୁଲର ଏକ ତାଲିକା ସଂପୃକ୍ତ ଷ୍ଟାଣ୍ଡ ର ସମ୍ମୁଖ ଭାଗରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବେ, ଉକ୍ତ ଧାର୍ଯ୍ୟ ମହାସୁଲଠାରୁ ଅଧିକ ଆଦାୟ କରିପାରିବେ ନାହିଁ |

3. Ticket Format ତଥା ବିଭିନ୍ନ ପ୍ରକାର ଯାନ ପାର୍କିଂ ପାଇଁ ମଧ୍ୟ ପ୍ରଶାସନ ମୂଲ୍ୟ ଧାର୍ଯ୍ୟ କରିଛନ୍ତି | ନିଲାମଧାରୀ କେବଳ ପ୍ରଶାସନ ଦ୍ୱାରା ଧାର୍ଯ୍ୟ ହୋଇଥିବା Format ରେ Ticket Print କରିବେ ଏବଂ ନିର୍ଦ୍ଦିଷ୍ଟ ଯାନଠାରୁ କେବଳ ଧାର୍ଯ୍ୟ ମୂଲ୍ୟ ଅସୁଲ କରିବେ |

4. ଏ ବାବଦରେ ଏକ ମୁଖଲିକା ପତ୍ର ଦେବେ, ଯଦି କୌଣସି ନିଲାମଧାରୀ ଧାର୍ଯ୍ୟ ମହାସୁଲଠାରୁ ଅଧିକ ଆଦାୟ କରନ୍ତି ତେବେ ଉକ୍ତ ନିଲାମକୁ ରଦ୍ଦ କରଦିଆଯିବ ଏବଂ ସେମାନଙ୍କ ଠାରୁ ଜୋରିମାନା ଆଦାୟ କରାଯିବ |

5. କୌଣସି କାରଣ ନଦର୍ଶାଇ ନିଲାମ ଅଧିକାରୀ ନିଲାମକୁ ସ୍ଥଗିତ ବା ରଦ୍ଦ କରିପାରିବେ|

6. ପ୍ରଶାସନ ଦ୍ୱାରା ବିଭିନ୍ନ ଅସ୍ଥାୟୀ ସାଇକେଲ୍ ଷ୍ଟାଣ୍ଡ ପାଇଁ ଅଲଗା ଅଲଗା ରଙ୍ଗର ଟିକେଟ୍ ସ୍ଥିର କରାଯାଇଛି | ମନୋନିତ ନିଲାମଧାରୀ କେବଳ ସେହି ସ୍ଥିରୀକୃତ ରଙ୍ଗର ଟିକେଟ୍ ଛପାଇବେ |

7. ପ୍ରତ୍ୟେକ ନିଲାମଧାରୀ ଷ୍ଟାଣ୍ଡ ନମ୍ବର ତଥା ନାମ ଏବଂ ପ୍ରଶାସନ ଦ୍ୱାରା ବିଭିନ୍ନ ୟାନପାଇଁ ଧାର୍ଯ୍ୟ କରାଯାଇ ଥିବା ମୂଲ୍ୟକୁ ଉଲ୍ଲେଖ କରି ଦୂରକୁ ଦେଖାଗଲାପରି ନିଜ ଖର୍ଚ୍ଚରୁ Flex Printing କରି Banner ମାରିବେ |

8. ଆବେଦନକାରୀ ଙ୍କ ନାମରେ କୌଣସି ଫୌଜଦାରୀ ମାମଲା ରୁଜୁ ହୋଇନଥିବ |

9. ଆବେଦନକାରୀ ଦରକାସ୍ତ ସହିତ ଫଟୋ ପରିଚୟ ପତ୍ର ଯେପରିକି EPIC/Adhaar/Driving License ର ନକଲ ସଂଲଗ୍ନ କରିବେ |

30/10/19

ତହସିଲଦାର , ସଦର , କଟକ

## ସାଇକେଲ୍ ଷ୍ଟାଣ୍ଡ ( ଅସ୍ଥାୟୀ) ତା-12/11/2019 ଠାରୁ ତା-20/11/2019

| କ୍ରମିକ ନଂ | ସୈରାତ କେସ୍ ନଂ | ଷ୍ଟାଣ୍ଡ ନଂ | ସୈରାତର ନାମ | ମୌଜା | ଖାତା ନଂ | ପ୍ଲଟ୍ ନଂ | ରକବା (ଏକର) | ସରକାରୀ ଧାର୍ଯ୍ୟ ମୂଲ୍ୟ (ଟଙ୍କା) |
|---|---|---|---|---|---|---|---|---|
| 1 | 4/2019-20 | 9 | ଦୟାଶ୍ରମ ସମ୍ମୁଖ | ୟୁନିଟ୍ ନଂ - 9 (ବାରବାଟୀ କିଲ୍ଲା ) | 21 | 146 | Ac.2.478 | 614900.00 |
| 2 | 8/2019-20 | 8 | ମଧୁସୁଦନ ନଗର ଖ୍ରୀଷ୍ଟିୟାନ୍ ସାହି ପଡିଆ | ୟୁନିଟ୍ ନଂ - 9 (ବାରବାଟୀ କିଲ୍ଲା ) | 21 | 240 | Ac.1.500 | 301145.00 |
| 3 | 42/2017-18 | 10 | ଗୋରାକବର ପାଖ | ୟୁନିଟ - 7 (ଉତ୍ତର ତୁଳସୀପୁର) | 1043 | 954 | Ac.1.460 | 55000.00 |
| 4 | 46/2017-18 | 12 | ଚହଟା ଛକ ପାଖ | ୟୁନିଟ -1 (ଉଦୟ ନଗର) | 4 | 57,58,59,60 | Ac.1.252 | 62500.00 |
| 5 | 47/2017-18 | 13 | ଭୂଆଷୁଣୀ ଗଡା | ୟୁନିଟ - 1 (ଉଦୟନଗର) | 1 | 48(p),49(p),<br>50(p),51(P) | Ac.7.200 | 80000.00 |

ତହସିଲଦାର, ସଦର, କଟକ